Please purchase PDFcamp Printer on http://www.verypdf.com/ to remove this watermark.

ମାନ୍ୟବର ବାଚସ୍ପତି ମହୋଦୟ,

ଏହି ପବିତ୍ର ଗୃହରେ 2007-08 ଆର୍ଥିକ ବର୍ଷ ପାଇଁ Vote on Account ବଜେଟ ଆଗତ କରିବାକୁ ମୋତେ ସୁଯୋଗ ଦେଇଥିବାରୁ ମୁଁ ପ୍ରଥମେ ଆପଣଙ୍କୁ ମୋର କୃତଜ୍ଞତା ଜଣାଉଛି । ବିଗତ ବର୍ଷ ଗୁଡିକରେ ମୁଁ ଗୃହର ମାନ୍ୟବର ନେତା, ମାନ୍ୟବର ବିରୋଧି ଦଳର ନେତା ଓ ଗୃହର ସମସ୍ତ ମାନ୍ୟବର ସଦସ୍ୟ-ସଦସ୍ୟା ମାନଙ୍କର ଅକୁଣ୍ଠ ସମର୍ଥନ ଓ ସହଯୋଗ ପାଇଥିବାରୁ ମୁଁ ଆପଣଙ୍କ ଜରିଆରେ ସମସ୍ତଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି ।

2. ଆପଣ ଜାଣନ୍ତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଯୋଗୁଁ 2007-08 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପରେ ବିଭାଗୱାରୀ ଆଲୋଚନା ସମ୍ଭବ ହୋଇପାରୁ ନ ଥିବାରୁ ବିଧାନ ସଭାର ଏହି ସ୍ୱଳ୍ପ କାଳୀନ ଅଧିବେଶନ ଡ଼କାଯାଇଛି । ତେଣୁ 2007-08 ଆର୍ଥିକ ବର୍ଷ ପାଇଁ ଆୟ ଓ ବ୍ୟୟର ହିସାବ ଅଟକଳ କରାଯାଇ ଆଗାମି 4 ମାସ ମଧ୍ୟରେ ଖର୍ଚ୍ଚର ଆବଶ୍ୟକତାକୁ ଦୃଷ୍ଟିରେ ରଖି 2007-08 ଆର୍ଥିକ ବଜେଟ ସହ ଲେଖାନୁଦାନ (Vote on Account) ବଜେଟ ଉପସ୍ଥାପନ କରୁଅଛି ।

3. କହିବା ବାହୁଲ୍ୟ ଯେ ଗୃହରେ ଯେଉଁ ବଜେଟ ଉପସ୍ଥାପିତ କରାଯାଏ ତାହା ଗୋଟିଏ ଆର୍ଥିକ ବର୍ଷର ଆୟ ଓ ବ୍ୟୟର ଆକଳନ । ପୂର୍ବ ବର୍ଷର ଖର୍ଚ୍ଚ ଓ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତିକୁ ଭିତ୍ତି କରି ଏହି ଆକଳନ କରାଯାଇଥାଏ । ଏଥିରେ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ବିବରଣୀ ଦେବାର ସୁଯୋଗ ନଥାଏ । ତଥ
ଭାଷଣରେ କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ମୁଁ ସମ୍ୟକ୍ ସୂଚନା ଦେବାର ପ୍ରୟାସ କରିଛି । ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କଲାବେଳେ ଏହାକୁ ଆହୁରି ଅଧିକ ପ୍ରାଞ୍ଜଳ କରିବା ନିମିତ୍ତ ଉଦ୍ୟମ କରିବି । ସେତେବେଳେ ବିଭାଗୱାରୀ ଅନୁଦାନ ଆଲୋଚନା ବେଳେ ମାନ୍ୟବର ସଭ୍ୟମାନେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଉପରେ ଆଲୋଚନା କରିବାର ସୁଯୋଗ ପାଇବେ ।

Please purchase PDFcamp Printer on http://www.verypdf.com/ to remove this watermark.



4. 2007-08 ଆର୍ଥିକ ବର୍ଷର ବଜେଟ ଆକଳନ ମୁଖ୍ୟତଃ ନିମ୍ନଲିଖିତ ଆଧାର ଉପରେ ପର୍ଯ୍ୟବେସିତ ।

- ରାଜ୍ୟର ବାର୍ଷିକ ଋଣ ଭାର ବୃଦ୍ଧିକୁ ଏକ ସୀମିତ ସୀମା ମଧ୍ୟରେ ରଖିବାର ଆବଶ୍ୟକତା ।
- ଓଡ଼ିଶା ଆର୍ଥିକ ଶୃଙ୍ଖଳା ଓ ବଜେଟ ଅଧିନିୟମ ଧାରା 5 ରେ ସୂଚିତ ଆର୍ଥିକ ଲକ୍ଷ୍ୟ ହାସଲ ।
- ସୀମିତ ସମ୍ବଳକୁ ବିନିଯୋଗ କଲାବେଳେ କାର୍ଯ୍ୟକ୍ରମର ଅଗ୍ରାଧିକାର ବା prioritisation କରିବାର ଆବଶ୍ୟକତା ।
- ଆବଶ୍ୟକତା ମୁତାବକ ବ୍ୟୟ ବରାଦ କରି ଅସ ୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ଶୀଘ୍ର ସ ୂର୍ଣ୍ଣ କରିବା ।
- ବୃଦ୍ଧ ଓ ବୃଦ୍ଧା, ଭିନ୍ନକ୍ଷମ , ମହିଳା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ତଥା ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ଉନ୍ନତି ଓ ସାମାଜିକ ସୁରକ୍ଷା ପାଇଁ ଅଧିକ ବ୍ୟୟ କରିବାର ଆବଶ୍ୟକତା ।
- ସରକାରୀ କୋଠାବାଡି, ରାସ୍ତାଘାଟ, ଜଳଯୋଗାଣ ପ୍ରକଳ୍ପ ଇତ୍ୟାଦିର ରକ୍ଷଣା ବେକ୍ଷଣ ପାଇଁ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ।
- ଅଣ ଯୋଜନା ରାଜସ୍ୱ ଖର୍ଚ୍ଚକୁ ସୀମିତ ରଖିବା ।
- ଭିତ୍ତିଭୂମି ଉନ୍ନୟନ ପାଇଁ ଅଧିକ ପୁଞ୍ଜି ବିନିଯୋଗ କରିବା ।

5.. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁଯେ ରାଜ୍ୟର ଋଣଭାର ଓ ରାଜ୍ୟର ସାମଗ୍ରିକ ଆୟର ଅନୁପାତ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଅଟେ । ଦ୍ୱାଦଶ ଅର୍ଥ କମିଶନଙ୍କ ହିସାବ ଅନୁଯାୟୀ 2003 ମସିହାରେ ଅନ୍ୟାନ୍ୟ ରାଜ୍ୟ ଗୁଡିକର ମୋଟାମୋଟି ସାମଗ୍ରିକ ଆୟର ଋଣଭାର 34.21 ଶତାଂଶ ଥିଲା ବେଳେ ଓଡ଼ିଶା କ୍ଷେତ୍ରରେ ଏହା 62.93 ଶତାଂଶ ଥିଲା । 2005-06 ଆର୍ଥିକ ବର୍ଷ ଶେଷ ବେଳକୁ ରାଜ୍ୟର ଋଣ ପ୍ରାୟ 36500 କୋଟି ଟଙ୍କା ଅଟେ, ଯାହାକି ରାଜ୍ୟର ସାମଗ୍ରିକ ଆୟର 48.2 ଶତାଂଶ ଅଟେ । ଦ୍ୱାଦଶ ଅର୍ଥ

Please purchase PDFcamp Printer on http://www.verypdf.com/ to remove this watermark.



କମିଶନଙ୍କ ସୁପାରିଶ ଅନୁସାରେ ଋଣ ସାମଗ୍ରୀକ ଆୟ ଅନୁପାତ (Debt GSDP ratio) 28 ଶତାଂଶ ମଧ୍ୟରେ ସୀମାବଦ୍ଧ ରହିବା ଆବଶ୍ୟକ ଅଟେ ।

6. ମୁଁ ସ୍ୱୀକାର କରୁଛି ଏହା ଏକ ଉତ୍ସାହଜନକ ପରିସ୍ଥିତିର ସୂଚକ ନୁହେଁ । ସୁତରାଂ ଆମକୁ ଏହାର କାରଣ ଓ ସମାଧାନର ପଥ ଅନ୍ୱେଷଣ କରିବାକୁ ପଡିବ । ଓଡିଶା ଭଳି ରାଜ୍ୟର ବିକାଶ ନିମନ୍ତେ ଋଣ ଅନିବାର୍ଯ୍ୟ । କାରଣ ଅଧିକ ଟିକସ ବସାଇ ଅଧିକ ସମ୍ବଳ ବୃଦ୍ଧି କରିବାର ଆଶା କ୍ଷୀଣ । ଏତଦ୍ ବ୍ୟତୀତ ଯେଉଁ ଟିକସ ଗୁଡିକର ସ୍ଥିତି ସ୍ଥାପକତା (Elasticity) ଅଧିକ ସେଗୁଡିକ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ । କେତେକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ଭାବ ସୁସ୍ପଷ୍ଟ - ଯଥା କୋଇଲା ରୟାଲ୍ଟି । ପୁନଶ୍ଚ, ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ରୀୟ ସାହାଯ୍ୟର ଋଣ ଅଂଶ 70 ଭାଗ ଆଉ ରାଜ୍ୟ ସରକାରମାନଙ୍କୁ ମିଳୁ ନାହିଁ । କେବଳ 30 ଶତାଂଶ ଅନୁଦାନ ହିଁ ମିଳୁଛି । ତେଣୁ ରାଜ୍ୟର ଯୋଜନାର ଆକାର ସ ୂର୍ଣ୍ଣ ଭାବେ ଋଣ ଉପରେ ନିର୍ଭରଶୀଳ । ଫଳରେ ବିଭିନ୍ନ ନିଅଣ୍ଟକୁ (Fiscal Deficit) ଆୟତ୍ତରେ ରଖିବା କଷ୍ଟକର ହୋଇପଡୁଛି । ତଥାପି ମୁଁ ଏ ନିମନ୍ତେ ସୂଚନା ଦେବାକୁ ଚାହେଁ ଯେ ପୂର୍ବରୁ ବର୍ଷକୁ ବର୍ଷ ଯେତେ ପରିମାଣର ଋଣ କରାଯାଉଥିଲା ତାହା ହ୍ରାସ କରାଯାଉଛି । ଉଦାହରଣ ସ୍ୱରୂପ 1999-2000 ଆର୍ଥିକ ବର୍ଷରେ ନିଟ୍ ଋଣ କରାଯାଇଥିବା ପରିମାଣ ଥିଲା ପ୍ରାୟ 3350 କୋଟି ଟଙ୍କା ଏବଂ ଏହା 2000-01 ଆର୍ଥିକ ବର୍ଷରେ 2901 କୋଟି ଟଙ୍କା କୁ ହ୍ରାସ ପାଇଥିଲା ବେଳେ 2004-05 ଆର୍ଥିକ ବର୍ଷରେ ଏହି ନିଟ୍ ଋଣର ପରିମାଣ ଥିଲା ପ୍ରାୟ 2417 କୋଟି ଟଙ୍କା ଏବଂ 2005-06 ଆର୍ଥିକ ବର୍ଷରେ 2406 କୋଟି ଟଙ୍କା । 2006-07 ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ଋଣ ପରିମାଣର ସର୍ବୋଚ୍ଚ ସୀମା 1617 କୋଟି ଟଙ୍କା ଧାର୍ଯ୍ୟ କରିଥିଲା ବେଳେ ଫେବୃୟାରୀ ଶେଷସୁଦ୍ଧା ରାଜ୍ୟ ସରକାର ନିଟ୍ ଋଣ ପ୍ରାୟ 638 କୋଟି ଟଙ୍କା କରିଛନ୍ତି । ଅନ୍ୟପକ୍ଷରେ 2006-07 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ପାଇଁ ମୂଳ ବଜେଟ ବ୍ୟୟ ବରାଦ 3500 କୋଟି ଟଙ୍କା ରହିଥିଲା ବେଳେ ଏହାକୁ ସଂଶୋଧିତ ଅଟକଳରେ 3600 କୋଟି ଟଙ୍କା କୁ ବୃଦ୍ଧି କରାଯାଇଛି । ପୁନଶ୍ଚ 2007-08 ଆର୍ଥିକ ବର୍ଷ ପାଇଁ ନିଟ୍ ଋଣ

Please purchase PDFcamp Printer on http://www.verypdf.com/ to remove this watermark.



ପରିମାଣକୁ 1040 କୋଟି ଟଙ୍କା ରୁ କମ୍ ରଖାଯାଇ ରାଜ୍ୟ ଯୋଜନା ବ୍ୟୟର ଅଟକଳ କୁ 5105 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଆଗରୁ ନିଟ୍ ଋଣ ଅଧିକ ପରିମାଣ ଥିଲେ ସୁଦ୍ଧା ରାଜ୍ୟ ଯୋଜନାର ଆକାର 2500 ରୁ 3000 କୋଟି ଟଙ୍କା ମଧ୍ୟରେ ସୀମିତ ଥିଲା । ଆସନ୍ତା ବର୍ଷ ପାଇଁ ରାଜ୍ୟ ଯୋଜନା ବ୍ୟୟ ବରାଦ ଆଖି ଦୃଶିଆ ଭାବେ ବୃଦ୍ଧି ହୋଇଅଛି । ଏହା ସମ୍ଭବ ହୋଇଛି କେବଳ ଆର୍ଥିକ ପରିଚାଳନାରେ ଢ଼ାଞ୍ଚାଗତ ପରିବର୍ତ୍ତନ ଯୋଗୁଁ । ସେଥି ନିମିତ୍ତ ଏହି ଗୃହର ସମସ୍ତ ସଦସ୍ୟ-ସଦସ୍ୟା, ରାଜ୍ୟର ଜନସାଧାରଣ, ସରକାରୀ କର୍ମଚାରୀ, ବୁଦ୍ଧିଜୀବି, ଗଣମାଧ୍ୟମ ଇତ୍ୟାଦି ସମସ୍ତଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ମିଳିଥିବା ଯୋଗୁ ହିଁ ସମ୍ଭବ ହୋଇଛି । ସେଥିପାଇଁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ ।

7. ଦଶମ ପଞ୍ଚବାର୍ଷିକ ଯୋଜନାରେ ରାଜ୍ୟ ଆୟର ବୃଦ୍ଧିହାର 6.2 ଶତାଂଶ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା 7.3 ଶତାଂଶ ରେ ପହଞ୍ଚିବ ବୋଲି ହିସାବ କରାଯାଇଛି । ଏହି ଉଚ୍ଚତର ଲକ୍ଷ୍ୟ ହାସଲକୁ ବିଚାର କରି ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟ ଆୟର ବାର୍ଷିକ ବୃଦ୍ଧିହାର 9 ଶତାଂଶ ରଖାଯାଇଛି । ରାଜ୍ୟରୁ ଦାରିଦ୍ର୍ୟ ତ୍ୱରାନ୍ୱିତ ହ୍ରାସ କରିବାକୁ ହେଲେ, ରାଜ୍ୟ ଆୟର ଅଭିବୃଦ୍ଧିହାର ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ହାସଲ କରିବାକୁ ପଡିବ । କିନ୍ତୁ ବର୍ତ୍ତମାନ ପାଇଁ ବାର୍ଷିକ 9 ଶତାଂଶ ବୃଦ୍ଧିହାରକୁ ଆଖିରେ ରଖି 2007-08 ଆର୍ଥିକ ବର୍ଷ ପାଇଁ ରାଜ୍ୟର ନିଜସ୍ୱ ଟିକସ 15 ଶତାଂଶ ବୃଦ୍ଧିକୁ ହିସାବକୁ ନିଆଯାଇଛି । ତେବେ ଏଥ
କ୍ଷେତ୍ରରେ ଅଭିବୃଦ୍ଧିର ହାର ବଢାଇବାକୁ ପଡିବ । ତେଣୁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ କୃଷି ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ନିବେଶ କରୁଛନ୍ତି ।

8. ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ, କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଓ କେନ୍ଦ୍ରୀୟ ଅନୁଦାନକୁ ହିସାବକୁ ନେଇ 2007-08 ଆର୍ଥିକ ବର୍ଷପାଇଁ ମୋଟ୍ ରାଜସ୍ୱ ଆୟ 19244.78 କୋଟି ଟଙ୍କା ରଖାଯାଇଥିବା ବେଳେ ମୋଟ୍ ରାଜସ୍ୱ ବ୍ୟୟ ବରାଦ 18295.17 କୋଟି ଟଙ୍କା ରଖାଯାଇଛି । 2005-06 ଆର୍ଥିକ ବର୍ଷରେ ରାଜସ୍ୱ ବଳକା 481.20 କୋଟିଟଙ୍କା ଥିବାବେଳେ 2006-07 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ

Please purchase PDFcamp Printer on http://www.verypdf.com/ to remove this watermark.



ଅନୁସାରେ ଏହି ରାଜସ୍ୱ ବଳକା 748.51 କୋଟିଟଙ୍କା ଓ 2007-08 ଆର୍ଥିକ ବର୍ଷରେ ଏହା 949.61 କୋଟିଟଙ୍କା ବର୍ତ୍ତମାନ ପାଇଁ ଆପାତତଃ ଆକଳନ କରାଯାଇଛି । ଅନ୍ୟ ପକ୍ଷରେ ପୁଞ୍ଜି ଆକାଉଣ୍ଟରେ (Capital Account) ଆୟ ତୁଳନାରେ ବ୍ୟୟ 1232.51 କୋଟିଟଙ୍କା ଅଧିକ ହେବ ବୋଲି ହିସାବ କରାଯାଇଛି । ଅର୍ଥାତ୍ ବିଭିନ୍ନ ସୂତ୍ରରୁ ଯେତିକି ଋଣ ଅଗ୍ରୀମ ଆଦାୟ କରାଯିବ ଓ ଋଣ ଅଣାଯିବ ତାହାଠାରୁ ଅଧିକ ପୁଞ୍ଜି ବିନିଯୋଗ ଓ ଆଗରୁ ଆଣାଯାଇଥିବା ଋଣର କିସ୍ତି ପରିଶୋଧ କରାଯିବ । ମୋଟ ଉପରେ ରାଜସ୍ୱ ପୁଞ୍ଜି, ଆୟ ଓ ବ୍ୟୟ ଆକଳନ ଅନୁସାରେ ସଂଗଠିତ ପାଣ୍ଠି (Consolidated Fund) ରେ 282 କୋଟି 89 ଲକ୍ଷ 91 ହଜାର ଟଙ୍କା ନିଅଣ୍ଟ ଆକଳନ କରାଯାଇଛି ଏବଂ ସେହି ପରିମାଣର ବଳକା Public Account ରେ ହିସାବ କରାଯାଇଛି । ମୋଟ ଉପରେ କହିବାକୁ ଗଲେ ରାଜସ୍ୱ, ପୁଞ୍ଜି ଓ Public Account ର ବଳକାକୁ ହିସାବକୁ ନେଇ ଯେତିକି ଆୟ ସେତିକି ବ୍ୟୟ Consolidated Fund ରେ ରଖାଯାଇଛି, ତେଣୁ ଏହା ଏକ ରାଜସ୍ୱ ବଳକା ବଜେଟ୍ ହେବା ସଙ୍ଗେ ସଙ୍ଗେ ଏହା ଏକ ସମତୁଲ ବଜେଟ ଅଟେ ।

9. ରାଜ୍ୟ ସରକାର ହାସଲ କରିଥିବା ପ୍ରଗତି ଓ ଆସନ୍ତା ବର୍ଷ ପାଇଁ କି ପଦକ୍ଷେପ ଗ୍ରହଣ କରିବେ ବୋଲି ଚିନ୍ତା କରିଛନ୍ତି ତାହା ମାନ୍ୟବର ରାଜ୍ୟପାଳ ତାଙ୍କ ଅଭିଭାଷଣରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି । ତାହା ଏଠାରେ ମୁଁ ପୁନରାବୃତ୍ତି କରି ଆପଣଙ୍କୁ ଭାରାକ୍ରାନ୍ତ କରିବାକୁ ଚାହୁଁନାହି ।

2007-08 ଆର୍ଥିକ ବର୍ଷ ପାଇଁ ଯେଉଁ ଲେଖାଅନୁଦାନ ଉପସ୍ଥାପନ କରାଯାଇଛି ସେଥି ମଧ୍ୟରେ ଯେଉଁ କୋତୋଟି ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି ମୁଁ ଏଠାରେ ସେଥି

- ଆବାସିକ ଆଦିବାସୀ ଛାତ୍ରଛାତ୍ରୀ ପ୍ରାକ୍ ମାଟ୍ରିକ୍ ବୃତ୍ତି (pre-matric scholarship) ହାର ଛାତ୍ର ମାନଙ୍କ କ୍ଷେତ୍ରରେ ମାସିକ 300 ଟଙ୍କା ଥିଲାବେଳେ ଛାତ୍ରୀ ମାନଙ୍କ କ୍ଷେତ୍ରରେ 325 ଟଙ୍କା ଥିଲା । ତା1.4.2007 ରିଖରୁ ଏହି ପ୍ରାକ୍ ମାଟ୍ରିକ୍ ବୃତ୍ତି (pre-matric scholarship) ମାସିକ ହାର ଛାତ୍ର ମାନଙ୍କ କ୍ଷେତ୍ରରେ

Please purchase PDFcamp Printer on http://www.verypdf.com/ to remove this watermark.



400 ଟଙ୍କା ଓ ଛାତ୍ରୀ ମାନଙ୍କ କ୍ଷେତ୍ରରେ 425 ଟଙ୍କାକୁ ବୃଦ୍ଧି କରାଯାଇଅଛି । 2006-07 ଓ 2007-08 ମସିହାରେ ଏକଲକ୍ଷ ଆଦିବାସୀ ଓ ହରିଜନ ଛାତ୍ରୀମାନଙ୍କ ପାଇଁ 1000 ନୂତନ ହଷ୍ଟେଲ ଖୋଲିବାର ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ 2006-07 ଆର୍ଥିକ ବର୍ଷରେ 550 ନୂତନ ହଷ୍ଟେଲ କାର୍ଯ୍ୟକାରୀ ହୋଇ ସାରିଲାଣି ।

- ଆଦିବାସୀ-ହରିଜନ ଛାତ୍ରୀମାନଙ୍କ ପାଇଁ ନୂତନ ହଷ୍ଟେଲ ନିର୍ମାଣ ପାଇଁ ରାଜ୍ୟ ଯୋଜନାରେ 53.01 କୋଟି ଟଙ୍କା ରଖାଯାଇଥିଲା ବେଳେ ରାଜ୍ୟ ଅଣ ଯୋଜନାରେ ଆଦିବାସୀ-ହରିଜନ ଛାତ୍ର-ଛାତ୍ରୀମାନଙ୍କ ହଷ୍ଟେଲ ଓ ସ୍କୁଲ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ 25.00 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରାଯାଇଛି ।
- 2007-08 ଆର୍ଥିକ ବର୍ଷ ପାଇଁ ପ୍ରାକ୍ ମାଟ୍ରିକ୍ ବୃତ୍ତି ବାବଦକୁ 122.77 କୋଟି ଟଙ୍କା ରଖାଯାଇଥିଲା ବେଳେ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି (Post-Matric Scholarship) ବାବଦକୁ ଆଦିବାସୀ-ହରିଜନ ଛାତ୍ର-ଛାତ୍ରୀମାନଙ୍କ ପାଇଁ 27.21 କୋଟି ଟଙ୍କା ରଖାଯାଇଛି ।
- 2006-07 ଆର୍ଥିକ ବର୍ଷରେ ବକେୟା ଥିବା ପ୍ରାକ୍ ମାଟ୍ରିକ୍ ବୃତ୍ତ (Pre-Matric Scholarship) ବାବଦକୁ 22.47 କୋଟି ଟଙ୍କା ଦିଆଯାଇଥିବାରୁ ଆସନ୍ତା ବର୍ଷ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଠିକ ସମୟରେ ନିୟମିତ ବୃତ୍ତି ଦେବାରେ ଅର୍ଥର ଅଭାବ ରହିବନାହିଁ ।
- ଅଧିକ ଏକ ଲକ୍ଷ ନିଃସହାୟ ବୃଦ୍ଧ-ବୃଦ୍ଧା ଓ ଶାରୀରିକ ବିକଳାଙ୍ଗମାନଙ୍କ ପେନ୍‌ସନ୍ ବାବଦକୁ 24.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ବୃଦ୍ଧ, ବିଧବା, ବିକଳାଙ୍ଗ ଭତ୍ତା ପାଇଁ 2007-08 ମସିହାର ଏହାକୁ ମିଶାଇ ମୋଟ ବ୍ୟୟ ବରାଦ 216 କୋଟି ଟଙ୍କା ରାଜ୍ୟ ଅଣଯୋଜନାରେ ରଖାଯାଇଛି ।
- ଅଙ୍ଗନୱାଡି କେନ୍ଦ୍ର ରକ୍ଷାଣା ବେକ୍ଷଣ ପାଇଁ ଅଣଯୋଜନାରେ 7.00 କୋଟି ଟଙ୍କା ଏବଂ ଶାରୀରିକ ଅକ୍ଷମ କର୍ମଚାରୀମାନେ ବିଭିନ୍ନ ଅଫିସ ମାନଙ୍କରେ ପ୍ରବେଶ କଲା

Please purchase PDFcamp Printer on http://www.verypdf.com/ to remove this watermark.



ବେଳେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ନିମନ୍ତେ ବାଧାବିହୀନ ପ୍ରବେଶ (Barrier Free Access) ନିର୍ମାଣ ପାଇଁ 1 କୋଟି ଟଙ୍କା ପୂର୍ତ୍ତ ବିଭାଗ ଅଧିନରେ ରଖାଯାଇଛି ।

- ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବୃତ୍ତି ବାବଦକୁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ 30 ଲକ୍ଷ ଟଙ୍କା ରଖାଯାଇଥିଲାବେଳେ ଏହାକୁ 2007-08 ବର୍ଷରେ 45 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।
- ବିଦ୍ୟାଳୟ ଓ ଗଣ ଶିକ୍ଷା ପାଇଁ 2006-07 ଆର୍ଥିକ ବର୍ଷ ମୂଳ ବଜେଟ୍‌ରେ ଅଣଯୋଜନା ଓ ରାଜ୍ୟଯୋଜନା ବାବଦକୁ ମୋଟ 1955.56 କୋଟିଟଙ୍କା ରଖାଯାଇଥିଲାବେଳେ ଏହାକୁ 2007-08 ଆର୍ଥିକ ବର୍ଷ ପାଇଁ 2176.35 କୋଟିଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ ବକେୟା ଅନୁଦାନ (arrear Grant-in-aid) ଦରମା ବାବଦକୁ 10 କୋଟି ଟଙ୍କା ଓ 691 ନୂତନ ଉଚ୍ଚ ପ୍ରାଥମିକ ସ୍କୁଲ ପାଇଁ ଏକତ୍ରୀକୃତ ଅନୁଦାନ (Block Grant) ବାବଦକୁ 3.68 କୋଟିଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଛି ।
- ଏକତ୍ରୀକୃତ ଅନୁଦାନ (Block Grant) ପାଇଥିବା ଉଚ୍ଚ ବିଦ୍ୟାଳୟ ଗୁଡିକ ପାଇଁ 2006-07 ରେ 13.40 କୋଟିଟଙ୍କା ରଖାଯାଇଥିଲା ବେଳେ ଆସନ୍ତା ବର୍ଷ ପାଇଁ 23.83 କୋଟିଟଙ୍କାକୁ ବୃଦ୍ଧି କରାଯାଇଛି ।
- ଉଚ୍ଚଶିକ୍ଷା ପାଇଁ 2006-07 ରେ ଅଣଯୋଜନା ଓ ରାଜ୍ୟ ଯୋଜନାରେ 371.01 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ 2007-08 ରେ 451.74 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ପାଇଁ 35 କୋଟି ଟଙ୍କା ଓ ବକେୟା ଅନୁଦାନ (arrear Grant-in-aid) ଦରମା ବାବଦକୁ 32 କୋଟି ଅଟେ । ଏକକାଳୀନ କେନ୍ଦ୍ରୀୟ ସହାୟତା (One Time ACA) ରୁ 5 କୋଟି ଟଙ୍କା ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ପାଇଁ ସ୍ୱତନ୍ତ୍ର ଭାବେ ରଖାଯାଇଛି ।

Please purchase PDFcamp Printer on http://www.verypdf.com/ to remove this watermark.



- ପଞ୍ଚାୟତରାଜ ବିଭାଗ ବଜେଟ୍‌ରେ ରାଜ୍ୟର ଅଂଶବାବଦକୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ଯୋଗାଣ ଯୋଜନା ବାବଦକୁ 100 କୋଟି ଟଙ୍କା, ଇନ୍ଦିରା ଆବାସ ଯୋଜନାରେ ରାଜ୍ୟର ଅଂଶ ବାବଦକୁ 51 କୋଟିଟଙ୍କା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ 110 କୋଟିଟଙ୍କା, Back-ward Region Grant Fund ପାଇଁ 285 କୋଟି ଟଙ୍କା ରଖାଯାଇଛି । ଡ଼ାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ପଞ୍ଚାୟତ ସ୍ତରରେ ବାସଗୃହ ପୁଞ୍ଜ (cluster house) ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ 22 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଯୋଜନା ଓ ସମନ୍ୱୟ ବିଭାଗ ଅଧିନରେ ବିଜୁ କେ.ବି.କେ ପାଇଁ 120 କୋଟି ଟଙ୍କା, ନିଯୁକ୍ତି ମିଶନ (Employment Mission) ପାଇଁ 10 କୋଟି ଟଙ୍କା, ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ 30 କୋଟି ଟଙ୍କା,ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି (MLA-LAD) ପାଇଁ 110.25 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଅଣଯୋଜନାରେ ବ୍ୟୟ ବରାଦ 2006-07 ଆର୍ଥିକ ବର୍ଷ ମୂଳ ବଜେଟରେ 509.88 କୋଟି ଟଙ୍କା ଥିଲା ବେଳେ 2007-08 ରେ 571.31 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC), ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (CHC), କର୍ମଚାରୀଙ୍କ ବାସଗୃହ (Staff quarters) ପାଇଁ 24 କୋଟିଟଙ୍କା, ଆୟୁର୍ବେଦିକ ଚିକିତ୍ସାଳୟ (Ayurvedic Hospital) ପାଇଁ 3.5 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଛି । ପୁନଶ୍ଚ ରାଜ୍ୟ ଯୋଜନାରେ କଟକ ସ୍ଥିତ ଏସ୍.ସି.ବି. ମେଡିକାଲ୍ କଲେଜ ପରିସରରେ ଆଞ୍ଚଳିକ ମେରୁଦଣ୍ଡ ଚିକିତ୍ସା କେନ୍ଦ୍ର (Regional Spinal Injury Centre) ପ୍ରତିଷ୍ଠା ପାଇଁ ୮୦ ଲକ୍ଷ ଟଙ୍କା ଓ ଶିଶୁ ମୃତ୍ୟୁହାର (Infant Mortality) ହ୍ରାସ ପାଇଁ 1.30 କୋଟି ଟଙ୍କା 2007-08 ଆର୍ଥିକ ବର୍ଷରେ ବ୍ୟୟବରାଦ କରାଯାଇଛି ।
- କ୍ରୀ କ୍ରୀଡା ଛାତ୍ରାବାସ (Sports Hostels) ଗୁଡିକର ରକ୍ଷଣା ବେକ୍ଷଣ ପାଇଁ 2006-07 ଆର୍ଥିକ ବର୍ଷରେ

Please purchase PDFcamp Printer on http://www.verypdf.com/ to remove this watermark.



2 କୋଟି ଟଙ୍କା ରଖାଯାଇଥିଲା ବେଳେ 2007-08 ଆର୍ଥିକ ବର୍ଷରେ ଏଥିପାଇଁ 5 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ରବିନ୍ଦ୍ର ମଣ୍ଡପ ଓ ଭଞ୍ଜ କଳାମଣ୍ଡପ ଇତ୍ୟାଦି ପ୍ରେକ୍ଷାଳୟ ମାନଙ୍କ ପୁନରୁଦ୍ଧାର ଓ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିନରେ 4 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଛି ।

- ବିଭିନ୍ନ ଥାନାଗୁଡିକର ମରାମତି, ତଳିଆ ପୋଲିସ କର୍ମଚାରୀମାନଙ୍କ କ୍ୱାର୍ଟସ୍ ରକ୍ଷଣା ବେକ୍ଷଣ ନିମିତ୍ତ 10 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ରଖାଯାଇଛି ।
- ବିଚାରାଧୀନ ବନ୍ଦୀମାନଙ୍କ ପାଇଁ ଦୈନିକ ଖାଇବା ଖର୍ଚ୍ଚ 19 ଟଙ୍କାରୁ 34 ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅଭିଯୁକ୍ତ ଆସାମୀ ମାନଙ୍କର ଦୈନିକ ଖାଇବା ଖର୍ଚ୍ଚ 20 ଟଙ୍କାରୁ 35 ଟଙ୍କାକୁ ବୃଦ୍ଧି କରାଯାଇଛି ।
- ଆମ ରାଜ୍ୟ ସରକାର କୃଷି ଓ ଜଳସେଚନ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏଥି ନିମିତ୍ତ ରାଜ୍ୟ ଯୋଜନାରେ ଜଳ ସ ଦ ବିଭାଗ ଅଧିନରେ 2006-07 ଆର୍ଥିକ ବର୍ଷରେ ମୂଳ ବଜେଟରେ 553.50 କୋଟି ଟଙ୍କା ଥିଲା ବେଳେ ଏହାକୁ 794.59 କୋଟି ଟଙ୍କାକୁ 2007-08 ବର୍ଷ ପାଇଁ ବୃଦ୍ଧି କରାଯାଇଛି । ଉଠାଜଳସେଚନ ନିଗମକୁ 2006-07 ମୂଳବଜେଟ୍ ରେ ଜଳକର ରିହାତି (Water Rate Subsidy) ପାଇଁ 14.00 କୋଟି ଟଙ୍କା ଥିଲାବେଳେ 2007-08 ବର୍ଷ ପାଇଁ ବର୍ତ୍ତମାନ ପାଇଁ 20.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ଯୋଜନାରେ କୃଷି ବିଭାଗ ପାଇଁ 48.08 କୋଟି ଟଙ୍କା 2006-07 ମୂଳ ବଜେଟରେ ଥିଲା ବେଳେ 2007-08 ରେ ଏହାକୁ 60.65 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଯେଉଁ ଜିଲ୍ଲା ଗୁଡିକରେ ଉଦ୍ୟାନ-କୃଷି ମିଶନ (Horticulture Mission) କାର୍ଯ୍ୟକାରୀ ହୋଇନାହିଁ, ସେହି ସବୁ ଜିଲ୍ଲାପାଇଁ ସ୍ୱତନ୍ତ୍ର ଭାବେ 80 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛ ।
- ଗ୍ରାମ୍ୟ ଉନ୍ନୟନ ବଭାଗ ପାଇଁ ରାଜ୍ୟ ଯୋଜନାରେ 2006-07 ରେ 166.90 କୋଟି ଟଙ୍କା ରଖାଯାଇଥିଲା ବେଳେ ଆସନ୍ତା ବର୍ଷ ପାଇଁ ଏ ବାବଦକୁ 185.10 କୋଟି ଟଙ୍କା ବୃଦ୍ଧି କରାଯାଇଛି । ଏଥିରେ 108 କୋଟି ଟଙ୍କା ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପାଇଁ ଏବଂ 58 କୋଟିଟଙ୍କା RIDF ବାବଦକୁ, ନିର୍ବାଚନ

Please purchase PDFcamp Printer on http://www.verypdf.com/ to remove this watermark.



ମଣ୍ଡଳୱାରୀ ଗ୍ରାମ୍ୟରାସ୍ତା (Constituency-wise allocation for rural roads) ପାଇଁ 14.50 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରାଯାଇଛି ।

- ଗୃହ ଓ ନଗର ଉନ୍ନୟନ ବିଭାଗ ପାଇଁ ରାଜ୍ୟ ଯୋଜନାରେ 2006-07ରେ 187.03 କୋଟି ଟଙ୍କା ରଖାଯାଇଥିଲା ବେଳେ 2007-08 ପାଇଁ ଏହାକୁ 215.96 କୋଟିଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ 62.25 କୋଟି ଟଙ୍କା JNURM ପାଇଁ, Bhubaneswar Sewerage କାର୍ଯ୍ୟ ପାଇଁ 35 କୋଟି ଟଙ୍କା, ପ୍ରକଳ୍ପ ପାଇଁ 1 କୋଟିଟଙ୍କା, ସମ୍ବଲପୁର, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱର Sewerage ପାଇଁ JBIC ସାହାଯ୍ୟପ୍ରାପ୍ତ Sewerage ପ୍ରକଳ୍ପ ନିମିତ୍ତ 68.76 କୋଟି ଟଙ୍କା ରଖାଯାଇଅଛି ।
- ଶ୍ରମ ଓ ନିୟୋଜନ ବଭାଗ ପାଇଁ 2006-07ରେ ରାଜ୍ୟ ଯୋଜନାରେ ମାତ୍ର 16 ଲକ୍ଷ ଟଙ୍କା ଥିଲା ବେଳେ 2007-08ରେ 3.16 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଶିଶୁ ଶ୍ରମିକ ଥଇଥାନ ପାଇଁ 2 କୋଟି ଟଙ୍କା ଓ କୋଠାବାଡ଼ି ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କ କଲ୍ୟାଣାର୍ଥେ 1 କୋଟି ଟଙ୍କା ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରାଯାଇଛି ।

10. 2007-08 ଆର୍ଥିକ ବର୍ଷ ପାଇଁ ବର୍ତ୍ତମାନପାଇଁ ମୋଟାମୋଟି ଭାବେ 23906 କୋଟି 97 ଲକ୍ଷ ଓ 46 ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସେଥି ମଧ୍ୟରୁ ଏପ୍ରିଲ ରୁ ଜୁଲାଇ, 2007 ମସିହା ସୁଦ୍ଧା 4 ମାସ ପାଇଁ ଲେଖା ଅନୁଦାନ ବାବଦକୁ 14008 କୋଟି, 33 ଲକ୍ଷ ଓ 18 ହଜାର ଟଙ୍କାର ଏହି ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି । 4 ମାସ ପାଇଁ ଲେଖା ଅନୁଦାନ ହିସାବ କଲା ବେଳେ ଯେପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ନହୁଏ ଏବଂ ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବା କଥା ସେଥିରେ କିଛି ବ୍ୟାଘାତ ନଘଟେ, ସେଥି ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି । ତାହାର କେତୋଟି ଉଦାହରଣ ଆପଣମାନଙ୍କ ସମ୍ମୁଖରେ ରଖିବାକୁ ଚାହୁଁଛି ।

Please purchase PDFcamp Printer on http://www.verypdf.com/ to remove this watermark.



- ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପାଇଁ 2007-08 ଆର୍ଥିକ ବର୍ଷରେ ଯୋଜନା ଓ ଅଣଯୋଜନାକୁ ମିଶାଇ 937 କୋଟି 71 ଲକ୍ଷ ଓ 99 ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ବେଳେ ଲେଖା ଅନୁଦାନରେ ଆର୍ଥିକ ବର୍ଷର ପ୍ରଥମ 4 ମାସ ପାଇଁ 450 କୋଟି 13 ଲକ୍ଷ ଓ 72 ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ରିଲିଫ ଖର୍ଚ୍ଚ ବାବଦକୁ 391.17 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଓ ଦରକାର ମୁତାବକ ରିଲିଫ୍ ବାବଦକୁ ଖର୍ଚ୍ଚ କରିବାରେ କିଛି ଅସୁବିଧା ହେବନାହିଁ ।
- ଯୋଜନା ଓ ସମନ୍ୱୟ ବିଭାଗ ପାଇଁ 2007-08 ଆର୍ଥିକ ବର୍ଷ ପାଇଁ ମୋଟ ବଜେଟ ଆକଳନ 380 କୋଟି 35 ଲକ୍ଷ ଓ 05 ହଜାର ଟଙ୍କା କରାଯାଇଥିଲା ବେଳେ ଲେଖା ଅନୁଦାନ ବାବଦକୁ 171 କୋଟି 15 ଲକ୍ଷ ଓ 77 ହଜାର ଟଙ୍କା ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଛି । ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍.ଏଲ୍.ଏ.ଲ୍ୟାଡ 110.25 କୋଟି ଟଙ୍କା ଲେଖାଅନୁଦାନରେ ଖର୍ଚ୍ଚକରିବାରେ କିଛି ଅସୁବିଧା ହେବ ନାହିଁ ।
- ପୂର୍ତ୍ତ ବିଭାଗ ପାଇଁ 2007-08 ଆର୍ଥିକ ବର୍ଷ ପାଇଁ ବ୍ୟୟ ଅଟକଳ 1107 କୋଟି 28 ଲକ୍ଷ ଓ 90 ହଜାର ଟଙ୍କା ରଖାଯାଇଥିଲା ବେଳେ ଲେଖା ଅନୁଦାନ ବାବଦକୁ 789 କୋଟି 19 ଲକ୍ଷ ଓ 43 ହଜାର ଟଙ୍କା ରଖାଯାଇଛି । ଏହା ଦ୍ୱାରା ଏପ୍ରିଲ ରୁ ଜୁନ୍ 2007 ମଧ୍ୟରେ ରାସ୍ତାଘାଟ ଓ କୋଠାବାଡି ମରାମତିରେ ଯେପରି ଅସୁବିଧା ନହୁଏ ସେଥି ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି ।

11. ଏହି ଗୃହର ସମସ୍ତ ମାନ୍ୟବର ସଦସ୍ୟ-ସଦସ୍ୟା, ଜନସାଧାରଣ, ସରକାରୀ କର୍ମଚାରୀ, ବୁଦ୍ଧିଜୀବି ଓ ଗଣମାଧ୍ୟମ ମାନଙ୍କର ସାହାଯ୍ୟ ଓ ସହଯୋଗ ଯୋଗୁ ରାଜ୍ୟର ଆର୍ଥିକ ପରିସ୍ଥିତିରେ କିଛି ପରିମାଣରେ ଉନ୍ନତି ଆଣିବା ସମ୍ଭବ ହୋଇଛି । କିନ୍ତୁ ଆମ ପାଖରେ ଯେଉଁ ସୀମିତ ସମ୍ବଳ ଅଛି ତାହା କିପରି ଉପଯୁକ୍ତ ଭାବେ ବିନିଯୋଗ ହେବ ଏବଂ

Please purchase PDFcamp Printer on http://www.verypdf.com/ to remove this watermark.



ଖର୍ଚ୍ଚ କରିବା ପୂର୍ବରୁ ଅଗ୍ରାଧିକାର (priority) ନିର୍ଦ୍ଧାରଣ କରାଯାଇ ଉପଯୁକ୍ତ ଭାବେ ଖର୍ଚ୍ଚ କରାଯିବ ସେଥି ପ୍ରତି ଆମ ସମସ୍ତଙ୍କୁ ସତର୍କ ଦୃଷ୍ଟି ଦେବାକୁ ପଡ଼ିବ । ମୁଁ ଏଠାରେ ଦର୍ଶାଇବାକୁ ଉଚିତ୍ ମନେ କରୁଛି ଯେ ଆମର ସମୁଦାୟ ଖର୍ଚ୍ଚ ମଧ୍ୟରେ 86 ଶତାଂଶ ରାଜସ୍ୱ ଖର୍ଚ୍ଚ ବାବଦକୁ ଏବଂ ଅବଶିଷ୍ଟ 14 ଶତାଂଶ ମଧ୍ୟରେ 6 ଶତାଂଶ ପୁଞ୍ଜି ଖର୍ଚ୍ଚ ବାବଦକୁ ଏବଂ 8 ଶତାଂଶ ଋଣ ଦେୟ ଓ ଅଗ୍ରୀମ ବାବଦକୁ ଖର୍ଚ୍ଚ ହେଉଛି । ରାଜସ୍ୱ ଖର୍ଚ୍ଚକୁ ସୀମିତ ରଖି ପୁଞ୍ଜି ବାବଦକୁ ଖର୍ଚ୍ଚ କିପରି ବୃଦ୍ଧି ପାଇବ ଏବଂ ଏହା ଦ୍ୱାରା ଆମର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ତାହା ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍ । ଏଥି ନିମିତ୍ତ ଆପଣମାନଙ୍କ ସାହାଯ୍ୟ ଓ ସହଯୋଗ ଆଗାମୀ ଦିନମାନଙ୍କରେ ନିଶ୍ଚିତ ମିଳିବ ଏଥିରେ

ରାଜ୍ୟର ଦୃତ ପ୍ରଗତି ପଥରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାରେ ଆପଣ ମାନଙ୍କର ସହଯୋଗ କାମନା କରି ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

S kt
S SN_\
a0t DLf S__
`$m Qt OXB,
@\ c§, JXh